STREAM

# ନୀତି ସଂକ୍ଷିପ୍ତ ସାର

www.streaminitiative.org

ସଂଖ୍ୟା ୨

ମାଛ -- ୨୦୦୫

ଏକ ସଂକ୍ଷିପ୍ତ ସାର....

# ଜଳୀୟ କୃଷି ଏବଂ ମାଛ ଚାଷ ଦ୍ୱାରା ଜୀବିକା ନିର୍ବାହର ପଥ

... ଦୁଇ ପୃଷ୍ଠାରେ ଅଥବା ସେଥିରୁ କମ୍‌ରେ

ସଂକ୍ଷିପ୍ତରେ

## ଏହା କେଉଁ ବିଷୟରେ ?

ଯେଉଁ ସବୁ ଲୋକଙ୍କର ଜୀବିକା ମାଛ ଚାଷ ଏବଂ ଜଳୀୟ କୃଷି, ସେମାନଙ୍କର ଜୀବିକାର ବିଶ୍ଳେଷଣ କରିବା ଏବଂ ସେମାନଙ୍କୁ ସାହାର୍ଯ୍ୟ କରିବା।

## ପଢ଼ନ୍ତୁ ଯଦି....

ଉଦ୍ଦେଶ୍ୟ, ଦାରିଦ୍ର୍ୟତା, ସମ୍ପଦ ଏବଂ ମଣିଷ ଜୀବନର ପ୍ରାସଙ୍ଗିକତା ସମ୍ବନ୍ଧରେ ଆପଣ ଯଦି ଆହୁରି ବିଶଦରେ ଜାଣିବା ପାଇଁ ଇଚ୍ଛୁକ ଥାଆନ୍ତି।

## ଏଥିରେ ରହିଛି:

- ଦାରିଦ୍ର୍ୟତା ଦୂରୀକରଣରେ ରାଷ୍ଟ୍ରୀୟ ମତ୍ସ୍ୟ ପ୍ରଶାସନର କ୍ରମବର୍ଦ୍ଧମାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ସ୍ୱୀକାର କରିବା।
- ଜୀବିକା ନିର୍ବାହର ବିଶ୍ଳେଷଣ ଏବଂ ଉନ୍ନତି ପାଇଁ ଜୀବିକାର ଉପାୟକୁ ବୁଝିବାର କ୍ଷମତା ଗଠନ।
- ଲୋକମାନଙ୍କର ପସନ୍ଦର ତାଲିକା, ଆଧିପତ୍ୟର ପସନ୍ଦ ଏବଂ ପରିସ୍ଥିତି ଯାହାଦ୍ୱାରା ସେମାନେ ଅନ୍ୟ ଜୀବିକାକୁ ସ୍ଥାନାନ୍ତର କରି ପାରିବେ ତାହା ବିବେଚନା କରିବା
- ଯେଉଁମାନଙ୍କ ପାଇଁ ନୀତି ଏବଂ ସେବାର ସୁଯୋଗ ତିଆରି କରାହେଉଛି ସେହିସବୁ ଲୋକଙ୍କର ଜୀବିକା ପ୍ରସଙ୍ଗରେ ଆଧାରିତ ରାଷ୍ଟ୍ରୀୟ ସ୍ତରରେ ଉନ୍ନତିର କୌଶଳ ଗଠନ କରିବା (ଯେପରି 'ଏନ୍.ଏସ୍.ଏସ୍.ଡ଼ି', 'ସି.ଡ଼ି.ଏଫ୍', 'ପି.ଆର.ଏସ୍.ପି')
- କୃଷକ ଏବଂ ମତ୍ସ୍ୟ କୃଷକ ମାନଙ୍କର ଦରିଦ୍ରତାର କାରଣ ଏବଂ ସେହି ସମ୍ବନ୍ଧୀୟ ନୀତିର ପ୍ରତିକ୍ରିୟାର ସୂତ୍ରକୁ ଦଢ଼ କରିବା।

ଜୀବିକା ନିର୍ବାହ ବିଶ୍ଳେଷଣରେ ଅଂଶ ଗ୍ରାହୀ ସାଧନର ବ୍ୟବହାର ସମୟ ସମୟରେ ଦଳ ଦ୍ୱାରା ଗୋଷ୍ଠୀ ମଧ୍ୟରେ ହୋଇଥାଏ।

ଜୀବିକା ନିର୍ବାହ ବିଶ୍ଳେଷଣ ଏବଂ ଉପାୟର ଖୋଜ ହେଉଛି କାର୍ଯ୍ୟ କରିବାର ଗୋଟିଏ ନମନୀୟ ସହଜ ଉପାୟ, ଯେଉଁଥିରେ କି ବିଷୟ ସୂଚୀର କେନ୍ଦ୍ରବିନ୍ଦୁରେ ସ୍ପଷ୍ଟ ଭାବରେ ଲୋକମାନଙ୍କୁ ସ୍ଥାନ ଦିଆ ହୋଇଛି, ଜଳୀୟ ସମ୍ପଦ ପରିଚାଳନାକୁ ନୁହେଁ।

ଲୋକମାନଙ୍କର ଜୀବିକା ନିର୍ବାହରୁ ପ୍ରାପ୍ତ ଶିକ୍ଷାକୁ ଆମେ ପରିବର୍ତ୍ତନର ଉପଯୋଗୀ ସୁଯୋଗରେ ପରିବର୍ତ୍ତନ କରିପାରୁ ଏବଂ ଗରୀବ ଲୋକମାନଙ୍କ ଉଦ୍ଦେଶ୍ୟରେ ଆମ୍ଭମାନଙ୍କ ପ୍ରଚେଷ୍ଟାକୁ ପର୍ଯ୍ୟବେକ୍ଷଣ ଓ ମୂଲ୍ୟାୟନ କରିପାରୁ।

## ଯଦି ଆପଣ ଏଇ ନୀତି ସଂକ୍ଷିପ୍ତସାର ପଢ଼ି କୌଣସି ଏକ କାର୍ଯ୍ୟ କରିପାରନ୍ତି ତାହାଲେ କରନ୍ତୁ...

ସଂସ୍ଥାର ଦକ୍ଷତା ଏବଂ କାର୍ଯ୍ୟ କରିବାର ପଦ୍ଧତିର ପରିକଳ୍ପନା କରନ୍ତୁ ଯାହାକି ମତ୍ସ୍ୟଜୀବିକାର ପେଶାଦାର ମାନଙ୍କୁ, ଲୋକମାନଙ୍କର ଜୀବିକା ନିର୍ବାହରେ (ବିଶେଷତଃ ଯେଉଁମାନଙ୍କ ପାଖରେ ସୀମିତ ସମ୍ପଦ ରହିଛି) ଜଳୀୟ ସମ୍ପଦର ପରିଚାଳନା ବିଷୟରେ ବୁଝାଇବା ପାଇଁ ଏବଂ ସାହାର୍ଯ୍ୟ କରିବା କାର୍ଯ୍ୟରେ ଦକ୍ଷ କରିବା ପାଇଁ ସାହାର୍ଯ୍ୟ କରିବ।

## ସଂକ୍ଷିପ୍ତ ସାର...

ଭଲ ନୀତି ଏବଂ ସେବା ପ୍ରଦାନ ଯାହାକି ଲୋକମାନଙ୍କର ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ ଭାବରେ ସାହାର୍ଯ୍ୟ କରେ ତାହା ଅନେକ ବିଷୟ ଉପରେ ଆଧାରିତ ଥାଏ, ଅନେକ ସମୟରେ ତାହା ବିଷୟ ସୂଚୀ ସହିତ  ମେଳ ଖାଏ ନାହିଁ। ତିନୋଟି ପ୍ରଧାନ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି; ଲୋକମାନଙ୍କ ଜୀବିକା ନିର୍ବାହ ବିଷୟରେ ବୁଝିବା ଏବଂ ବିଶ୍ଳେଷଣର କ୍ଷମତା ରାଷ୍ଟ୍ରୀୟ ପରିପ୍ରେକ୍ଷିରେ ବିବେଚନା କରିବା ଏବଂ ଅନ୍ତଃରାଷ୍ଟ୍ରୀୟ ଗୋଷ୍ଠୀ ଦ୍ୱାରା କ୍ରମ ବର୍ଦ୍ଧମାନ ପ୍ରଚେଷ୍ଟାରେ ରାଷ୍ଟ୍ରୀୟ ସ୍ତରରେ ଉନ୍ନତିର କୌଶଳ ଆରମ୍ଭ କରିବା।

- ଏସିଆ ପ୍ୟାସିଫିକ୍‌ରେ ଜଳୀୟ ସମ୍ପଦର ପରିଚାଳନାରେ ରାଷ୍ଟ୍ରୀୟ ସରକାରର ସାହାର୍ଯ୍ୟ ପ୍ରଧାନତଃ ଗବେଷଣା ଏବଂ ପ୍ରଯୁକ୍ତିଗତ ବିକାଶ ଦିଗରେ ସୀମିତ। ଯାହାହେଉନା କାହିଁକି ଆମ୍ଭେମାନେ ସ୍ୱୀକାର କରୁ ଯେ ଦରିଦ୍ରତା ଦୂର କରିବାରେ ରାଷ୍ଟ୍ରୀୟ ମତ୍ସ୍ୟ ପ୍ରଶାସନର ଭୂମିକା କ୍ରମବର୍ଦ୍ଧମାନ ଗୁରୁତ୍ୱପୂର୍ଣ୍ଣ, ଗରୀବ ଲୋକମାନଙ୍କର ଜୀବିକା ନିର୍ବାହରେ ମାଛ ଚାଷର ଭୂମିକା ବିଷୟରେ ଆମ୍ଭମାନଙ୍କୁ ଭଲ ଭାବରେ ବୁଝିବା ପାଇଁ ହେବ।
- ଏଥିପାଇଁ ଜୀବିକା ନିର୍ବାହର ବିଶ୍ଳେଷଣ ଏବଂ ଉନ୍ନତି ପାଇଁ ଜୀବିକାର ଉପାୟଗୁଡ଼ିକୁ ବୁଝିବାର କ୍ଷମତା ଗଠନ କରିବା ଆବଶ୍ୟକ।
- ଜୀବିକା ନିର୍ବାହର ବିଶ୍ଳେଷଣ ବୁଝିବା ପାଇଁ ଗୋଟିଏ ପ୍ରଣାଳୀ ବଦ୍ଧ କିନ୍ତୁ ସହଜ ଉପାୟ ହେଉଛି, ଗୋଷ୍ଠୀ ମଧ୍ୟରେ ବ୍ୟକ୍ତି ଅଥବା ଦଳ ପାଖରୁ ସ୍ଥିତି, ସଂପଦର ବ୍ୟବହାରର ସୁବିଧା, ଦରିଦ୍ରତା, ସୁଯୋଗ ଏବଂ ପସନ୍ଦ ବିଷୟରେ ବୁଝିବା ପାଇଁ ଅଂଶଗ୍ରାହୀ ପଦ୍ଧତିର ବ୍ୟବହାର ହୁଏ। ଏହା ଏକ ଜଟିଳ ପ୍ରକ୍ରିୟା ନୁହେଁ କିନ୍ତୁ ଅଧିକାଂଶ ସମୟରେ ଲୋକମାନଙ୍କୁ ସେହିସବୁ ସ୍ଥାନରେ ନିଯୁକ୍ତି କରାଯାଏ ଯାହା ସେମାନଙ୍କ ପାଇଁ ନୂଆ।
- ଜୀବିକା ନିର୍ବାହର ଉପାୟକୁ ଗ୍ରହଣ କରିବାରେ ଅନ୍ତର୍ଭୁକ୍ତ ଥାଏ, ଲୋକମାନଙ୍କର ପସନ୍ଦ, ଆଧିପତ୍ୟର ସମ୍ପଦ ଏବଂ ପରିସ୍ଥିତି ଯାହାଦ୍ୱାରା ସେମାନେ ଅନ୍ୟ ଜୀବିକକୁ ସ୍ଥାନାନ୍ତର କରି ପାରିବେ, ତାହା ବିବେଚନା କର। ଏହାର ଅର୍ଥ ହେଉଛି, ବିଷୟସୂଚୀର କେନ୍ଦ୍ରବିନ୍ଦୁରେ ସ୍ପଷ୍ଟ ଭାବରେ ଲୋକମାନଙ୍କୁ ସ୍ଥାନ ଦିଆ ହୋଇଛି, ଜଳୀୟ ସମ୍ପଦ ପରିଚାଳନାକୁ ନୁହେଁ।
- କେବଳ ଜଳୀୟ କୃଷି, ମାଛ ଚାଷ ଅଥବା କୃଷି କାର୍ଯ୍ୟ ଛଡ଼ା ଜଳୀୟ ସମ୍ପଦ ପରିଚାଳନାର କ୍ଷେତ୍ରରେ ଆମ୍ଭମାନଙ୍କର ବିଷୟସୂଚୀକୁ ଗୋଟିଏ ସହ କ୍ଷେତ୍ରରେ ସୀମିତ ନ ରଖିବା ପାଇଁ ସାହାର୍ଯ୍ୟ କରିବ, ଯେତେବେଳେ ଆମ୍ଭେମାନେ ଜାଣୁ ଯେ ମନୁଷ୍ୟର ଜୀବନ ବହୁତ ଜଟିଳ। ଆମ୍ଭେମାନେ ଏହା ଭଲ ଭାବରେ ଜାଣୁ ଯେ ଯେଉଁମାନେ ଗରୀବ ସେମାନେ ଜୀବିକା ନିର୍ବାହର ପଥ ସ୍ୱରୂପରେ ମିଶ୍ରୀତ ପ୍ରକାରର ଜୀବିକାର ଆଶ୍ରୟ ନେଇଥାନ୍ତି ଯେଉଁଠାରେ ଜଳୀୟ ସମ୍ପଦ ପରିଚାଳନା ସହିତ ଜଡ଼ିତ ଥାଏ ଅନ୍ୟାନ୍ୟ କାର୍ଯ୍ୟକ୍ରମ, ଯେପରି କୃଷିକାର୍ଯ୍ୟ, ମାଛଧରା, ଜଳୀୟ କୃଷି, ମୂଲମଜୁରୀ ଜିନିଷ ପତ୍ର ତିଆରୀ ଏବଂ ସରବରାହ କରା

→ ମତ୍ସ୍ୟ ପ୍ରଶାସନରେ ଅନେକ ପ୍ରଯୁକ୍ତିଗତ ବିଦ୍ୟାରେ ଶିକ୍ଷିତ କିନ୍ତୁ ଜୀବିକା ନିର୍ବାହର ବିଶ୍ଳେଷଣ କରିବାରେ ଏବଂ ଜୀବିକାର ଉପାୟକୁ କାର୍ଯ୍ୟକାରୀ କରିବାରେ, କ୍ଷମତା ଗଠନ କରିବାରେ ସେମାନଙ୍କୁ ସାହାର୍ଯ୍ୟର ଦରକାର ହୋଇପାରେ।

.

## ଏକ ସଂକ୍ଷିପ୍ତ ସାର... ଜୀବିକା ନିର୍ବାହର ପଥ ବିଷୟରେ।

- ଜୀବିକା ନିର୍ବାହର ପଥ ବିଷୟ ହେଉଛି ଗୋଟିଏ ଗଭୀର ବୁଝାମଣାର ବିକାଶ, ଯାହା ଲୋକମାନଙ୍କୁ ବିକାଶର କେନ୍ଦ୍ରବିନ୍ଦୁରେ ସ୍ଥାନ ଦିଏ, ଲୋକମାନଙ୍କ ଦ୍ୱାରା ସମ୍ପଦର ବ୍ୟବହାର ବିଷୟରେ ଅନ୍ୟମାନଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟର ଆଦାନପ୍ରଦାନ କରେ।
- ଜୀବିକା ନିର୍ବାହର ପଥ ବିଷୟରେ କାର୍ଯ୍ୟ କରିବା ପାଇଁ ଆମ୍ଭମାନଙ୍କୁ ସାହାର୍ଯ୍ୟ କରେ ଅସାମଞ୍ଜସ୍ୟପୂର୍ବ ସମ୍ପର୍କକୁ ଚିହ୍ନିତ ଏବଂ ପୁନଃବିବେଚନା କରିବା ପାଇଁ। କେବଳ ଗୋଟିଏ ଦୃଷ୍ଟିକୋଣ (ପ୍ରଭାବଶାଳୀ)ରୁ ବିଚାର ନକରି ତା ପରିବର୍ତ୍ତେ ଅନେକ ଦୃଷ୍ଟିକୋଣ ବିଷୟକୁ ଦେଖିବା ପାଇଁ ଓ ବୁଝିବା ପାଇଁ ସାହାର୍ଯ୍ୟ କରେ।
- ମତ୍ସ୍ୟଚାଷର କ୍ଷେତ୍ରରେ ଜୀବିକା ନିର୍ବାହନର ପଥରେ ବୃଦ୍ଧି ପ୍ରାପ୍ତ ବ୍ୟବହାରର ଦୁଇଟି ସାମ୍ଭାବ୍ୟ ପ୍ରଭାବ ହେଉଛି; କୃଷକ ଓ ମତ୍ସ୍ୟ କୃଷକ ମାନଙ୍କର ଦରିଦ୍ରତାର କାରଣ ଏବଂ ସେହି ସମ୍ବନ୍ଧୀୟ ନୀତିର ପ୍ରତିକ୍ରିୟାର ସୂତ୍ର ଦୃଢ଼ ହେବା ଏବଂ ଗରୀବ ଲୋକମାନଙ୍କର ଜୀବିକା ନିର୍ବାହରେ ଜଳୀୟ ସମ୍ପଦର ବିଶାଳ ଭୂମିକାକୁ ପରିଷ୍କାର ଭାବରେ ସମସ୍ତଙ୍କର ସମ୍ମୁଖରେ ତୋଳି ଧରିବା।
- ଜୀବିକା ନିର୍ବାହର ପଥରେ ବ୍ୟବହାର ସାହାର୍ଯ୍ୟରେ ଲୋକମାନଙ୍କର ଜୀବିବା ନିର୍ବାହନରୁ ପ୍ରାପ୍ତ ଶିକ୍ଷାକୁ ଆମ୍ଭେମାନେ ପରିବର୍ତ୍ତନର ଉପଯୋଗୀ ସୁଯୋଗ ଦ୍ୱାରା ପରିବର୍ତ୍ତନ କରିପାରୁ ଏବଂ ଗରୀବ ଲୋକମାନଙ୍କର ଉଦ୍ଦେଶ୍ୟର ସପକ୍ଷରେ ଆମ୍ଭମାନଙ୍କର ପ୍ରଚେଷ୍ଟାକୁ ପର୍ଯ୍ୟବେକ୍ଷଣ ଓ ମୂଲ୍ୟାଙ୍କନ କରିପାରୁ।
- ଯଦି ଜୀବିକା ନିର୍ବାହନର ପଥଗୁଡ଼ିକ ସ୍ଥାନୀୟ ସେବା ପ୍ରଦାନର ଉନ୍ନତି କ୍ଷେତ୍ରରେ ଏବଂ ନୀତି ତିଆରୀ କ୍ଷେତ୍ରରେ ଉପଯୋଗୀ ହୁଏ ତେବେ ସେଗୁଡ଼ିକ ବୃହତ୍ତର କ୍ଷେତ୍ରରେ ଜାତୀୟ ସ୍ତରରେ ଯୋଗଦାନ ଦେଇ ପାରିବ ଏବଂ ରାଷ୍ଟ୍ରୀୟ ସ୍ତରରେ ଉନ୍ନତିର କୌଶଳ ଗଠନରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିପାରିବ।

ଅନ୍ତଃରାଷ୍ଟ୍ରୀୟ କର୍ତ୍ତବ୍ୟ ଏବଂ ଜୀବିକା ନିର୍ବାହନର ପଥ:

- କାର୍ଯ୍ୟକ୍ରମ ୨୧, ୧୯୯୨ ରିଓ ଆର୍ଥ ସାମିଟ୍‌ର କାର୍ଯ୍ୟ ପରିକଳ୍ପନା, ଆର୍ଥିକ, ପରିବେଶ ଏବଂ ସାମାଜିକ ଦୀର୍ଘସ୍ଥାୟୀତା ନିଶ୍ଚିତ କରିବା ଲକ୍ଷରେ ଦେଶଗୁଡ଼ିକୁ ଦୀର୍ଘସ୍ଥାୟୀ ବିକାଶର ରାଷ୍ଟ୍ରୀୟ କୌଶଳରେ (ଏନ.ଏସ.ଏସ.ଡ଼ି) ନିର୍ମାଣର ଡ଼ାକ।
- ୱାର୍ଲ୍ଡ ବ୍ୟାଙ୍କ ଉତ୍ସାହିତ କରେ ବିସ୍ତୃତ ଉନ୍ନତିର ପରିକଳ୍ପନା (ସି.ଡ଼ି.ଏଫ୍.ଏସ୍)
- ଦରିଦ୍ରତା ହ୍ରାସର ପ୍ରଭାବ ସହିତ ଋଣ ମୁକ୍ତିର ସୂତ୍ରକୁ ଜଡ଼ିତ କରିବା ପାଇଁ ୱାର୍ଲ୍ଡ ବ୍ୟାଙ୍କ ଏବଂ ଆଇ.ଏମ୍.ଏଫ. ଦରିଦ୍ରତା ହ୍ରାସର କୌଶଳ ପତ୍ରିକା (ପି.ଆର.ଏସ୍.ପି) ବ୍ୟବହାର କରନ୍ତି। (ବର୍ତ୍ତମାନ ସବୁଦେଶର ନୀତି ବ୍ୟବସ୍ଥାର କେନ୍ଦ୍ରବିନ୍ଦୁକୁ ବ୍ୟାଙ୍କ ଏବଂ ଆଇ.ଏମ୍.ଏଫ ସୁବିଧାଜନକ ଋଣ ଦେଉଛି)
- ଜୀବିକା ନିର୍ବାହନର ପଥ ବିଷୟରେ ରାଷ୍ଟ୍ରୀୟ ସ୍ତରରେ ଉନ୍ନତିର କୌଶଳ ଗଠନର ଗୋଟିଏ ଗୋଟିଏ ବିଶେଷ ଦୃଷ୍ଟିଭଙ୍ଗୀ ହେଉଛି ଏନ୍.ଏସ୍.ଏସ୍.ଡ଼ି., ସି.ଡ଼ି.ଏଫ., ପି.ଆର.ଏସ୍.ପି.।
- ଏସିଆ ପ୍ୟାସିଫିକ୍‌ରେ ରାଷ୍ଟ୍ରୀୟ ସ୍ତରରେ ଉନ୍ନତିର କୌଶଳରେ ଜଳୀୟ ସମ୍ପଦର ପରିଚାଳନା ଗରୀବ ଲୋକମାନଙ୍କର ଜୀବିକା ନିର୍ବାହନରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିବ।

ଏହି ବିଷୟରେ ଅନ୍ୟାନ୍ୟ ସୂତ୍ର :

- ଇଉକେ ଡ଼ିପାର୍ଟମେଣ୍ଟ ଫର ଇନ୍‌ଟାର ନେସନାଲ ଡ଼େଭଲପମେଣ୍ଟ ଦ୍ୱାରା ୧୮ ପୃଷ୍ଠାର ଉନ୍ନତିର ଉପାୟ ତୁଳନାମୂଳକ ନିର୍ଦ୍ଦେଶିକା ପତ୍ରିକା http://www.livelihoods.org/info/guidance_sheets_pdfs/section6.pdf
- ଜୀବିକାର ପଥ ଉପରେ ୪ ପୃଷ୍ଠାର "ଉତ୍ତମ ଅଭ୍ୟାସ ପଥ ନିର୍ଦ୍ଦେଶିକା" କ୍ଷମତା ଗଠନ ଏବଂ ବିଶ୍ଳେଷଣ http://www.streaminitiative.org/Library/bpg/index.html
- ନିମ୍ନଲିଖିତ ମେକଙ୍ଗ ନଦୀର ଅବବାହିକାରେ ଜୀବିକା ନିର୍ବାହ ଏବଂ ମାଛଚାଷ: ଜୀବିକା ନିର୍ବାହନ ପଥର ଉପାୟକୁ ବୁଝିବା। ମେକଙ୍ଗ ଡ଼େଭଲପ୍‌ମେଣ୍ଟ ସଂଖ୍ୟା ୫ http://www.streaminitiative.org/Library/pdf/pdf-india/FisheriesLivelihoodsStudy.pdf

### ଏହି ଗୁଡ଼ିକ କେଉଁଠାରୁ ଆସିଛି ?

ନୀତି ସଂକ୍ଷିପ୍ତସାରର ପର୍ଯ୍ୟାୟ ଗୁଡ଼ିକ ନେଟ୍‌ୱାର୍କ ଅଫ ଏକୁଆକାଲଚାର ସେନ୍‌ଟାରସ୍ ଇନ୍ ଏସିଆ ପ୍ୟାସିଫିକ୍ (ନାକା) ସାପୋର୍ଟ ଟୁ ରିଜିଓନାଲ ଏକୁଆଟିକ୍ ରିସୋର୍ସେସ୍ ମ୍ୟାନେଜ୍‌ମେଣ୍ଟ (ଷ୍ଟ୍ରୀମ୍) ଇନିସିଏଟିଭ୍ ଦ୍ୱାରା ତିଆରୀ।

ନୀତି ସଂକ୍ଷିପ୍ତସାର ସଂଖ୍ୟା ୨ ନୀତି ସଂକ୍ଷିପ୍ତସାର ସଂଖ୍ୟା ୧ର ପରବର୍ତ୍ତୀ ସଂଖ୍ୟା ଯାହା ନୀତି ପରିବର୍ତ୍ତନରେ ରାଜି ଏବଂ ଲୋକମାନଙ୍କୁ ଅନ୍ତର୍ଭୁକ୍ତ କରାଇବା ବିଷୟ ସମ୍ବନ୍ଧୀୟ। ଏହା 'ଏଫ.ଏ.ଓ' ଟେକ୍‌ନିକାଲ କୋଅପାରେସନ୍ ପ୍ରଜେକ୍ଟ 'ଏସିଆ ପ୍ୟାସିଫିକ୍‌ରେ ଉନ୍ନତ ଜଳୀୟ ସମ୍ପଦର ପରିଚାଳନା ଦ୍ୱାରା ଦରିଦ୍ରତା ଦୂରୀକରଣରେ ସାହାଯ୍ୟ କରେ' ପ୍ରକଳ୍ପଟିରେ ଜୀବିକା ନିର୍ବାହନ ବିଶ୍ଳେଷଣ ଏବଂ ଜୀବିକା ନିର୍ବାହନ ବିଷୟରେ ବୁଝାମଣାର ଆଦାନ ପ୍ରଦାନର ଅଭିଜ୍ଞତା ବର୍ଣ୍ଣନା କରାଯାଇଛି। ବିଶଦ ତଥ୍ୟ ଜାଣିବା ପାଇଁ ଦେଖନ୍ତୁ www.streaminitiative.org/Library/India/india.html ଅଥବା ଯୋଗାଯୋଗ କରନ୍ତୁ: ଷ୍ଟ୍ରୀମ୍, ନାକା, ସରସ୍ୱାଦୀ ବିଲ୍ଡିଂ, ମତ୍ସ୍ୟ ବିଭାଗୀୟ ପରିଷଦ, କାସେଟ୍ ସାଟ୍ ବିଶ୍ୱବିଦ୍ୟାଳୟ, ଲାଦେଓ, ଜାତୁଜକ୍ ବ୍ୟାଙ୍ଗକକ୍ ୧୦୯୦୦ ଥାଇଲାଣ୍ଡ, ଫ୍ୟାକ୍ସ (୬୬୨) ୫୬୧-୧୭୨୭, ଫୋନ୍ (୬୬୨) ୫୬୧-୧୭୨୮।